ସକାଳ
THE SAKALA



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୮୮ ● ପାଉଣ୍ଡ ୧୨୨.୮୬
- ୟୁରୋ ୧୦୭.୯୬ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୮,୩୫୦ (ନୂଆଦିଲ୍ଲୀ)
- ରୁପା : ୨,୫୫,୧୭୨ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୨୮୭.୦୦
- ନିଫ୍ଟି ୨୫,୧୭୮.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



■ ଏପ୍‌ଷ୍ଟିନ୍ ଫାଇଲ୍‌ରେ ଆସିଲା ନାମ

## ବିଶ୍ୱ ଅର୍ଥନୈତିକ ଫୋରମ୍‌ର ସଭାପତିଙ୍କ ଇସ୍ତଫା

ୱାଶିଂଟନ୍,୨୭।୨(ଏଜେନ୍ସି): ବିଶ୍ୱ ଅର୍ଥନୈତିକ ଫୋରମ (ଡବ୍ଲ୍ୟୁଇଏଫ୍)ର ସଭାପତି ଏବଂ ସିଇଓ ବୋର୍ଗେ ବ୍ରେଣ୍ଡେ ଇସ୍ତଫା ଦେଇଛନ୍ତି। ଜେନେଭାସ୍ଥିତ ସଂଗଠନ ଦୋଷୀ ସାବ୍ୟସ୍ତ ଯୌନ ଅପରାଧୀ ଜେଫ୍ରି ଏପ୍‌ଷ୍ଟାଇନଙ୍କ ସହ ତାଙ୍କ ସମ୍ପର୍କର ତଦନ୍ତ ଆରମ୍ଭ କରିବାର କିଛି ସପ୍ତାହ ପରେ ତାଙ୍କର ଏହି ନିଷ୍ପତ୍ତି ଆସିଛି।



ବ୍ରେଣ୍ଡେ ୨୦୧୭ରୁ ଡବ୍ଲ୍ୟୁଇଏଫ୍‌ର ନେତୃତ୍ୱ ନେଇଥିଲେ। ସ୍ୱିଜରଲ୍ୟାଣ୍ଡସ୍ଥିତ ସଂଗଠନ ତାଙ୍କ ଇସ୍ତଫାକୁ ନିଶ୍ଚିତ କରିଛି ଏବଂ ଆଲୋଇସ ଜ୍ୱିଙ୍ଗିଙ୍କୁ ମଧ୍ୟବର୍ତ୍ତୀକାଳୀନ ଭୂମିକାରେ ନିଯୁକ୍ତ କରିଛି। ଆମେରିକୀୟ ନ୍ୟାୟ ବିଭାଗର ରିପୋର୍ଟ ପରେ ତଦନ୍ତ ଆରମ୍ଭ ହୋଇଥିଲା। ରଏଟର୍ସର ଏକ ରିପୋର୍ଟ ଅନୁଯାୟୀ, ଆମେରିକୀୟ ନ୍ୟାୟ ବିଭାଗର ଡକ୍ୟୁମେଣ୍ଟଗୁଡ଼ିକ ପ୍ରକାଶ କରିଛି ଯେ ବ୍ରେଣ୍ଡେ ଏପ୍‌ଷ୍ଟାଇନଙ୍କ ସହିତ ତିନୋଟି ବ୍ୟବସାୟିକ ରାତ୍ରୀଭୋଜନରେ ଯୋଗ ଦେଇଥିଲେ ଏବଂ ସେମାନେ ଇ-ମେଲ୍ ଏବଂ ଟେକ୍ସଟ୍ ମେସେଜ୍ ମାଧ୍ୟମରେ ମଧ୍ୟ ଯୋଗାଯୋଗ କରିଥିଲେ। ଏହି ରିପୋର୍ଟ ପ୍ରକାଶ ପରେ ଜେନେଭାସ୍ଥିତ ସଂଗଠନ ବ୍ରେଣ୍ଡେଙ୍କ ପୂର୍ବ ସମ୍ପର୍କର ଏକ ସ୍ୱାଧୀନ ତଦନ୍ତ ଆରମ୍ଭ କରିଛି। ଡବ୍ଲ୍ୟୁଇଏଫ୍‌ର ସହ-ଅଧ୍ୟକ୍ଷ ଆଣ୍ଡ୍ରେ ହଫମ୍ୟାନ୍ ଏବଂ ଲାରି ଫିଙ୍କ୍ ଏକ ପୃଥକ ବିବୃତ୍ତି ଜାରି କରି କହିଛନ୍ତି ଯେ ବାହ୍ୟ ପରାମର୍ଶଦାତାଙ୍କ ଦ୍ୱାରା କରାଯାଇଥିବା ତଦନ୍ତ ସମାପ୍ତ ହୋଇଛି। ଟ୍ରଷ୍ଟି ବୋର୍ଡ ଏବେ ବ୍ରାଣ୍ଡେସଙ୍କ ଉତ୍ତରାଧିକାରୀ ଖୋଜିବା ପ୍ରକ୍ରିୟା ଆରମ୍ଭ କରିବ।

## ବେଦାନ୍ତ ଆଲୁମିନିୟମର ପ୍ରକଳ୍ପ 'ନିର୍ମଳ'



ଭୁବନେଶ୍ୱର,୨୭।୨(ସମିସ): ବେଦାନ୍ତ ଆଲୁମିନିୟମ ଏହାର ଜଳ, ପରିମଳ ଏବଂ ସ୍ୱଚ୍ଛତା (ୱାଶ) ପଦକ୍ଷେପ ଭାବେ ପ୍ରକଳ୍ପ 'ନିର୍ମଳ' ମାଧ୍ୟମରେ ସ୍ଥାନୀୟ ଲୋକଙ୍କୁ ସୁବିଧା ପ୍ରଦାନ କରୁଛି। ଏପ୍ରିଲ ୨୦୨୫ ରେ କାର୍ଯ୍ୟକ୍ଷମ ହୋଇଥିବା ୧୨ ଟି ସୌର-ଚାଳିତ ନଳକୂପ ଏବଂ ୨୦ ଟି ଜଳ ବିଶୋଧନ ବ୍ୟବସ୍ଥାକୁ ନେଇ ଗଠିତ ଭିତ୍ତିଭୂମି ଜାମଖାନୀ, ଘୋଘରପାଲ୍ଲୀ, କୁରାଲୋଇ, ମୁଣ୍ଡେଲଖେତ, ଗିରିସିମା, ବିଲିମୁଣ୍ଡା, ଛତାବର, ଗର୍ଜନଜୋର, ଗ୍ରିଣ୍ଡୋଲା, ପିପିଲିମାଳ, ବେଲପାହାଡରେ ଦୈନିକ ପ୍ରାୟ ୨.୪୬ ଲକ୍ଷ ଲିଟର ନିରାପଦ ପାନୀୟ ଜଳ ଯୋଗାଇଦେଉଛି ଯାହା ୨୩,୦୦୦ରୁ ଅଧିକ ବାସିନ୍ଦାଙ୍କୁ ଉପକୃତ କରୁଛି। ଏହାର ୱାଶ ଆଭିମୁଖ୍ୟକୁ ସୁଦୃଢ଼ କରି, କମ୍ପାନୀ ୫୦ଟି ବିଦ୍ୟାଳୟରେ ପରିବେଶ ଅନୁକୂଳ ଶୌଚାଳୟ ସ୍ଥାପନ ସହିତ ଭିତ୍ତିଭୂମିକୁ ସୁଦୃଢ କରିଛି ଏବଂ ୨୦୦୦ ଛାତ୍ରଙ୍କ ପାଇଁ ଦୈନିକ ସ୍ୱଚ୍ଛତା ବ୍ୟବସ୍ଥାରେ ଉନ୍ନତି ଆଣିଛି। ଖରା ଦିନରେ ଏହି ଅଞ୍ଚଳରେ ଜଳାଭାବ ଏକ ସାଧାରଣ ସମସ୍ୟା। ଏହି ପଦକ୍ଷେପ ଉପରେ ମନ୍ତବ୍ୟ ଦେଇ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ନିରାପଦ ପାନୀୟ ଜଳ ଏବଂ ପରିମଳ ସୁବିଧା ଜନସାଧାରଣଙ୍କ କଲ୍ୟାଣ ପାଇଁ ମୌଳିକ। ବେଦାନ୍ତ ଆଲୁମିନିୟମରେ, ଆମେ ସ୍ଥାୟୀ, ଗୋଷ୍ଠୀ-କୈନ୍ଦ୍ରିକ ହସ୍ତକ୍ଷେପ ମାଧ୍ୟମରେ ଏହାକୁ ମଜବୁତ କରିବାକୁ ପ୍ରତିଶ୍ରୁତିବଦ୍ଧ।

## ବିଜିୟୁରେ ପକ୍ଷରୁ ଜାତୀୟ ସମ୍ମିଳନୀ

ଭୁବନେଶ୍ୱର,୨୭।୨(ସମିସ): ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ) ପକ୍ଷରୁ ପ୍ରଯୁକ୍ତି, ଅର୍ଥବ୍ୟବସ୍ଥା ଓ କୃତ୍ରିମ ବୁଦ୍ଧିମତ୍ତା: ଦ୍ରୁତ ଆର୍ଥିକ ବିକାଶର ପ୍ରେରକ ବିଷୟକୁ ନେଇ ଦୁଇଦିନିଆ ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଛି। ବିର୍ଲା ସ୍କୁଲ ଅଫ ଇକନୋମିକ୍ସ ଦ୍ୱାରା ଆୟୋଜିତ ଏହି ସମ୍ମିଳନୀଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି



ଭୁବନେଶ୍ୱରର ସ୍କୁଲ୍ ଅଫ ହ୍ୟୁମାନିଟିଜ୍, ସୋସିଆଲ ସାଇନ୍ସ ଏଣ୍ଡ ମ୍ୟାନେଜମେଣ୍ଟ ଓ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନଏସଇ) ସହଯୋଗରେ ସଫଳତାର ସହ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ନୀତିନିର୍ଦ୍ଧାରକ, ନିୟାମକ ସଂସ୍ଥାର ପ୍ରତିନିଧି, ଶିଳ୍ପ ନେତୃତ୍ୱ ଓ ଶିକ୍ଷାବିତମାନେ ଭାରତର ଡିଜିଟାଲ ଅର୍ଥନୀତିର ପରିବର୍ତ୍ତନଶୀଳ ଭିତ୍ତିକୁ ନେଇ ଗଭୀର ଆଲୋଚନା କରିଥିଲେ। ସମ୍ମିଳନୀରେ ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ ମନୋଜ ପଣ୍ଡା, ଷୋଡ଼ଶ ଅର୍ଥ କମିଶନର ପୂର୍ଣ୍ଣକାଳୀନ ସଦସ୍ୟ, ଡ଼. ତୀର୍ଥଙ୍କର ପଟ୍ଟନାୟକ, ମୁଖ୍ୟ ଅର୍ଥଶାସ୍ତ୍ରୀ, ଏନଏସଇ, ଏମ୍.ରାମାୟା, ପରାମର୍ଶଦାତା, ଅର୍ଥନୀତି ଓ ନୀତି ଅନୁସନ୍ଧାନ ବିଭାଗ, ଆରବିଆଇ ଏବଂ ଜୈନେନ୍ଦ୍ର ଶାଣ୍ଡିଲ୍ୟ, ଉପମହାପ୍ରବନ୍ଧକ, ଭାରତୀୟ ପ୍ରତିଭୂତି ଏବଂ ନିୟାମକ ବୋର୍ଡ଼ (ସେବି) ଉପସ୍ଥିତ ଥିଲେ।

**ବାଣିଜ୍ୟ ଆଲୋଚନାର ଧାରା ବଦଳାଉଛି ଭାରତ**

# ଆମେରିକା ବାଣିଜ୍ୟ ସଚିବଙ୍କ ଅଚାନକ ଭାରତ ଗସ୍ତ

ନୂଆଦିଲ୍ଲୀ,୨୭।୨(ଏଜେନ୍ସି)

ୱାଶିଂଟନର ଶୁଳ୍କ ନୀତିରେ ଏକ ବଡ଼ ନ୍ୟାୟିକ ବିପର୍ଯ୍ୟୟ ପରିପ୍ରେକ୍ଷୀରେ ଆମେରିକାର ବାଣିଜ୍ୟ ସଚିବ ହାୱାର୍ଡ ଲୁଟନିକ୍ ଗୁରୁବାର ଅଚାନକ ନୂଆଦିଲ୍ଲୀ ଗସ୍ତରେ ଆସିଛନ୍ତି। ଏହି ଅବସରରେ ସେ ଭାରତର ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲଙ୍କ ବୈଠକ କରିଛନ୍ତି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ପୂର୍ବରୁ ଲାଗୁ କରାଯାଇଥିବା ବ୍ୟାପକ ଶୁଳ୍କକୁ ପ୍ରତ୍ୟାହାର କରିବା ପାଇଁ ଆମେରିକାର ସୁପ୍ରିମକୋର୍ଟଙ୍କ

### ପୀୟୁଷ ଗୋୟଲଙ୍କ ସହ ବୈଠକ

ରାୟ ପରେ ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କ ପାଇଁ ଏକ ସମ୍ବେଦନଶୀଳ ସମୟରେ ଏହି ଆଲୋଚନା ହୋଇଛି।

ବୈଠକର ଏକ ଝଲକ ସେୟାର କରି ଭାରତରେ ଅବସ୍ଥାପିତ ଆମେରିକାର ରାଷ୍ଟ୍ରଦୂତ ସର୍ଗିଓ ଗୋର୍ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ପୋଷ୍ଟ କରିଛନ୍ତି। ଗୋୟଲ୍ କହିଛନ୍ତି ଯେ ବାଣିଜ୍ୟ ଏବଂ



ଅର୍ଥନୈତିକ ସହଭାଗିତାକୁ ବିସ୍ତାର କରିବା ଉପରେ ବହୁତ ଉତ୍ପାଦନକ୍ଷମ ଆଲୋଚନା ହୋଇଛି। ଆମେରିକ ବାଣିଜ୍ୟ ବିଭାଗ ଦ୍ୱାରା ଜାରି କରାଯାଇଥିବା ଏକ ବିବୃତ୍ତି ଅନୁଯାୟୀ, ଆଲୋଚନା ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିବା ଉପରେ କେନ୍ଦ୍ରିତ ଥିଲା। ଅଧିକାରୀମାନେ କହିଛନ୍ତି ଯେ ଦୁଇ ପକ୍ଷ ଆମେରିକା ଏବଂ ଭାରତ ମଧ୍ୟରେ ବାଣିଜ୍ୟ ଏବଂ ଅର୍ଥନୈତିକ ସମ୍ପର୍କକୁ ଆହୁରି ଗଭୀର କରିବା ପାଇଁ ଉପାୟ ଉପରେ ଆଲୋଚନା କରିଛନ୍ତି। ତଥାପି, ଭାରତର ବାଣିଜ୍ୟ ମନ୍ତ୍ରଣାଳୟ ବୈଠକକୁ ନେଇ କୌଣସି ଅତିରିକ୍ତ ବିବରଣୀ ପ୍ରଦାନ କରିନାହିଁ। ଲୁଟନିକଙ୍କ ଗସ୍ତ ଏପରି ଏକ ସମୟରେ ହୋଇଛି, ଯେତେବେଳେ ଆମେରିକା ବାଣିଜ୍ୟ ରଣନୀତି ପରିବର୍ତ୍ତନ ହେଉଛି। ଫେବୃଆରୀ ୨୦ରେ, ସୁପ୍ରିମକୋର୍ଟ ବିଶ୍ୱବ୍ୟାପୀ ବ୍ୟାପକ ଶୁଳ୍କ ଲାଗୁ କରିବା ପାଇଁ ଅନ୍ତର୍ଜାତୀୟ ଜରୁରୀକାଳୀନ ଆର୍ଥିକ ଶକ୍ତି ଆଇନ ଅଧୀନରେ ଟ୍ରମ୍ପଙ୍କ ଜରୁରୀକାଳୀନ କ୍ଷମତା ବ୍ୟବହାରକୁ ଅବୈଧ ଘୋଷଣା କରିଥିଲେ। ଏହା ପ୍ରଶାସନକୁ ଏହାର ଶୁଳ୍କ ଗଠନ ବଜାୟ ରଖିବା ପାଇଁ ବିକଳ୍ପ ଆଇନଗତ ଉପାୟ ଖୋଜିବାକୁ ବାଧ କରିଥିଲା।

ପରେ, ଟ୍ରମ୍ପ ୧୯୭୪ର ବାଣିଜ୍ୟ ଆଇନର ଧାରା ୧୨୨ ବ୍ୟବହାର କରି ଏକ ନୂତନ ଶୁଳ୍କ ବ୍ୟବସ୍ଥା କାର୍ଯ୍ୟକାରୀ କରିଥିଲେ। କୋର୍ଟଙ୍କ ନିଷ୍ପତ୍ତି ଭାରତ-ଆମେରିକା ବାଣିଜ୍ୟ ଆଲୋଚନାର ଧାରାକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ପରିବର୍ତ୍ତନ କରିଛି। ଭାରତୀୟ ଆଲୋଚନାକାରୀ ଦର୍ପଣ ଜୈନ ଏବଂ ତାଙ୍କ ଦଳ ଫେବୃଆରୀ ୬ ର ମିଳିତ ବିବୃତ୍ତି ଉପରେ ଆଧାରିତ ଏକ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ପାଇଁ ଆଇନଗତ ଢାଞ୍ଚାକୁ ଚୂଡ଼ାନ୍ତ କରିବା ପାଇଁ ଫେବୃଆରୀ ୨୩ ରେ ୱାଶିଂଟନ ଯାତ୍ରା କରିବାର କାର୍ଯ୍ୟକ୍ରମ ଥିଲା। ତଥାପି, ଉଭୟ ପକ୍ଷ ନିଷ୍ପତ୍ତିର ପ୍ରଭାବକୁ ପୁନଃମୂଲ୍ୟାୟନ କରିବାରୁ ଯାତ୍ରା ସ୍ଥଗିତ ରଖାଯାଇଥିଲା। ପୂର୍ବ ଚୁକ୍ତିନାମାରେ ଏକ ଯୋଜନାର ରୂପରେଖା ଦିଆଯାଇଥିଲା ଯାହା ଅନୁଯାୟୀ ଆମେରିକା ଭାରତୀୟ ସାମଗ୍ରୀ ଉପରେ ଅତିରିକ୍ତ ଶୁଳ୍କକୁ ୧୮% ହ୍ରାସ କରିବ। ପୂର୍ବରୁ, ଏହି ଶୁଳ୍କ ୫୦% ପର୍ଯ୍ୟନ୍ତ ଉଚ୍ଚ ଥିଲା, ଅନ୍ୟ ଅନେକ ଶୁଳ୍କ ସହିତ। ପ୍ରତିବଦଳରେ, ଭାରତ ରୁଷୀୟ ଅଶୋଧିତ ତୈଳ କ୍ରୟକୁ ସୀମିତ କରିବ ଏବଂ କିଛି ଆମେରିକୀୟ ଉତ୍ପାଦକୁ ଅଗ୍ରାଧିକାର ବଜାର ପ୍ରବେଶ ପ୍ରଦାନ କରିବ ବୋଲି ଆଶା କରାଯାଉଥିଲା। ଦେଶ-ନିର୍ଦ୍ଦିଷ୍ଟ ଶୁଳ୍କ ମଡେଲକୁ କୋର୍ଟ ପ୍ରତ୍ୟାଖ୍ୟାନ କରିବା ସହିତ, ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଏହି ଢାଞ୍ଚାରେ ଏବେ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ଆବଶ୍ୟକ ହେବ।

**ଅନୁମାନକୁ ଟପିଲା ଜିଡିପି ଅଭିବୃଦ୍ଧି**

## ତୃତୀୟ ତ୍ରୈମାସିକରେ ୭.୮%

ନୂଆଦିଲ୍ଲୀ,୨୭।୨(ଏଜେନ୍ସି): ୨୦୨୫-୨୬ ଆର୍ଥିକବର୍ଷ (ଅକ୍ଟୋବର-ଡିସେମ୍ବର) ତୃତୀୟ ତ୍ରୈମାସିକରେ ଜିଡିପି ଅଭିବୃଦ୍ଧି ୭.୮% ଥିଲା। ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ଏହି ତଥ୍ୟ ପ୍ରକାଶ କରିଥିଲା। ଚଳିତବର୍ଷ, ଜିଡିପି ୨୦୧୧-୧୨ ପରିବର୍ତ୍ତେ ମୂଳ ବର୍ଷ ୨୦୨୨-୨୩ ଆଧାରରେ ଗଣନା କରାଯାଇଥିଲା। ଏହି ନୂତନ ଶୃଙ୍ଖଳା ଅନୁଯାୟୀ, ତ୍ରୈମାସିକ ପାଇଁ ବାସ୍ତବ ଜିଡିପି ୮୪.୫୪ ଲକ୍ଷ କୋଟି ଟଙ୍କା ଥିଲା, ଯାହା ଗତ ବର୍ଷ ସମାନ ତ୍ରୈମାସିକରେ ୭୮.୪୧ ଲକ୍ଷ କୋଟି ଟଙ୍କା ରହିଥିଲା। ସରକାର ସମଗ୍ର ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଜିଡିପି ଅଭିବୃଦ୍ଧି ପୂର୍ବାନୁମାନକୁ ୭.୬% ବୃଦ୍ଧି କରିଛନ୍ତି, ଯାହା ଗତ ବର୍ଷ ୭.୧% ଥିଲା। ଜିଡିପିର ଏହି ସଂଖ୍ୟାଗୁଡ଼ିକ ବେଶ ଗୁରୁତ୍ୱପୂର୍ଣ୍ଣ କାରଣ ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦% ଶୁଳ୍କ ଲାଗୁ କରିବା ପରଠାରୁ





ଏହା ପ୍ରଥମ ପୂର୍ଣ୍ଣ ତ୍ରୈମାସିକ। ବିଶ୍ୱ ଅନିଶ୍ଚିତତା ସତ୍ତ୍ୱେ, ଭାରତର ୭.୮% ଅଭିବୃଦ୍ଧି ହାର ସୂଚାଉଛି ଯେ, ଘରୋଇ ଚାହିଦା ଏବଂ ଉତ୍ପାଦନ କ୍ଷେତ୍ର ଦୃଢ଼ ରହିଛି।

ନୂତନ ଜିଡିପି ସିରିଜରେ ୨୦୨୨-୨୩ କୁ ମୂଳ ବର୍ଷ ଭାବରେ ରଖାଯାଇଛି। ଅର୍ଥନୈତିକ ଆକଳନକୁ ଅଧିକ ସଠିକ୍ କରିବା ପାଇଁ, ଏଥିରେ ଏବେ ଜିଏସ୍‌ଟି ନେଟୱାର୍କ, ଇ-ଯାନ ଡାଟାବେସ୍ ଏବଂ ରୋଷେୟା, ଡ୍ରାଇଭର ଏବଂ ଘରୋଇ କର୍ମଚାରୀଙ୍କ ସେବା ସହିତ ଜଡିତ ତଥ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ସମୟ ସହିତ ଅର୍ଥନୀତିରେ ପ୍ରମୁଖ ପରିବର୍ତ୍ତନଗୁଡ଼ିକୁ କଏଦ କରିବା ପାଇଁ ମୂଳ ବର୍ଷ ସମୟ ସମୟରେ ପରିବର୍ତ୍ତନ କରାଯାଏ। ମନ୍ତ୍ରଣାଳୟ ସାଧାରଣତଃ ପ୍ରତି ୫ବର୍ଷରେ ଥରେ ଡାଟା ସିରିଜ୍ ଅପଡେଟ୍ କରିଥାଏ, କିନ୍ତୁ କରୋନା ମହାମାରୀ ଏବଂ ଜିଏସ୍‌ଟି କାର୍ଯ୍ୟକାରୀତା ଯୋଗୁଁ ଏହି ପ୍ରକ୍ରିୟା ବିଳମ୍ବିତ ହୋଇଥିଲା। ମୂଲ୍ୟ ବର୍ଷ ହେଉଛି ସେହି ବର୍ଷ ଯାହାର ମୂଲ୍ୟ ସ୍ଥିର ବୋଲି ବିବେଚନା କରାଯାଏ ଏବଂ ବର୍ତ୍ତମାନର ଅର୍ଥନୈତିକ ଅଭିବୃଦ୍ଧି ମାପିବା ପାଇଁ ବ୍ୟବହୃତ ହୁଏ। ଏହା ମୁଦ୍ରାସ୍ଫୀତିର ପ୍ରଭାବକୁ ଦୂର କରି ଦେଶର "ପ୍ରକୃତ" ଅଭିବୃଦ୍ଧି ଦେଖାଇବାରେ ସାହାଯ୍ୟ କରେ।

## ସୁଜୁକି ପକ୍ଷରୁ 'ସୁଜୁକି ଆକ୍ସେସ୍ ମାଇଲେଜ୍ ପ୍ରତିଯୋଗିତା'

ଭୁବନେଶ୍ୱର,୨୭।୨(ସମିସ) : ଜାପାନର ସୁଜୁକି ମୋଟର କର୍ପୋରେସନର ଅଧୀନସ୍ଥ ଶାଖା ସୁଜୁକି ମୋଟରସାଇକେଲ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ଏସଏମଆଇପିଏଲ) ପକ୍ଷରୁ ଅନୁଗୋଳରେ 'ସୁଜୁକି ଆକ୍ସେସ୍ ମାଇଲେଜ୍ ପ୍ରତିଯୋଗିତା' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୁଜୁକି ଆକ୍ସେସ୍ ମାଲିକ ଏବଂ ନୂତନ ଗ୍ରାହକ ଅଂଶଗ୍ରହଣ କରିଥିଲେ। ସହରର ରାସ୍ତାରେ ଏହି ସ୍କୁଟରଟି





କେତେ ମାଇଲେଜ୍ ପ୍ରଦାନ କରୁଛି, ତାହା ନିଜେ ଅନୁଭବ କରିବା ପାଇଁ ସେମାନଙ୍କୁ ଏହି ଅବସରରେ ଏକ ସୁଯୋଗ ମିଳିଥିଲା। ଏହି କାର୍ଯ୍ୟକ୍ରମ ସମ୍ପର୍କରେ ସୁଜୁକି ମୋଟରସାଇକେଲ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ସେଲ୍ସ ଏବଂ ମାର୍କେଟିଂ ଭାଇସ୍-ପ୍ରେସିଡେଣ୍ଟ ଦୀପକ ମୁତ୍ରେଜା କହିଛନ୍ତି ଯେ, ସୁଜୁକି ଆକ୍ସେସ୍ ମାଇଲେଜ୍ ପ୍ରତିଯୋଗିତା ମୁଖ୍ୟତଃ ସ୍କୁଟରର ମାଇଲେଜ୍ ଉପରେ ଗୁରୁତ୍ୱ ଦେଇଥାଏ, ଯାହା ଆମର ବ୍ରାଣ୍ଡ ପ୍ରତିଶ୍ରୁତି 'ପିକ୍-ଅପ୍ ବି, ମାଇଲେଜ୍ ବି, ଶାନଦାର କ୍ୱାଲିଟି କେ ସାଥ୍' କୁ ବାସ୍ତବ ରୂପ ଦେଉଛି।

## ଇମ୍ଫାର ଟାଟା ଷ୍ଟିଲ୍ ଫେରୋକ୍ରୋମ୍ ପ୍ଲାଣ୍ଟ ଅଧିଗ୍ରହଣ ଶେଷ



ଭୁବନେଶ୍ୱର, ୨୭।୨(ସମିସ): ଯାଜପୁର କଳିଙ୍ଗନଗରସ୍ଥିତ ଟାଟା ଷ୍ଟିଲ୍ ଲିମିଟେଡ୍ (ଟିଏସ୍‌ଏଲ୍) ଫେରୋକ୍ରୋମ୍ ପ୍ଲାଣ୍ଟର ନୀତିଗତ ଅଧିଗ୍ରହଣ ଶେଷ କରିଛି, ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲୟଜ୍ ଲିମିଟେଡ୍ (ଇମ୍ଫା)। ଏହି କାରବାରର ମୂଲ୍ୟ ୭୦୭.୨୬ କୋଟି ଟଙ୍କା, ଯେଉଁଥିରେ ଜିଏସ୍‌ଟି ଏବଂ ମୋଟ୍ କାର୍ଯ୍ୟକ୍ଷମ ପୁଞ୍ଜି ସହିତ ୬୧୦ କୋଟି ଟଙ୍କାର ମୂଳ ବିବେଚନା ଅନ୍ତର୍ଭୁକ୍ତ ଏବଂ ସମ୍ପୂର୍ଣ୍ଣ ଭାବରେ ଆଭ୍ୟନ୍ତରୀଣ ସଂଗ୍ରହରୁ ପାଣ୍ଠି ଯୋଗାଇ ଦିଆଯାଇଛି। କଳିଙ୍ଗନଗରରେ ୧୧୫ ଏକର ଜମିରେ ବିସ୍ତୃତ, ନୂତନ ଭାବରେ ଅଧିଗ୍ରହଣ କରାଯାଇଥିବା ଏହି ସୁବିଧାରେ ବାର୍ଷିକ ୧୦୦,୦୦୦ ଟନ୍ ଉତ୍ପାଦନ କରିବାର କ୍ଷମତା ଥିବା ୪ଟି ଫର୍ଣ୍ଣେସ୍ ରହିଛି, ଯାହା ପ୍ରାୟ ଗୋଟିଏ ବର୍ଷ ମଧ୍ୟରେ ଆଂଶିକ ଭାବରେ ନିର୍ମିତ ପଞ୍ଚମ ଫର୍ଣ୍ଣେସ୍ କାର୍ଯ୍ୟକ୍ଷମ ହେବା ପରେ ଆହୁରି ବାର୍ଷିକ ୧୫୦,୦୦୦ ଟନ୍‌କୁ ବୃଦ୍ଧି ପାଇବ। ଅଧିଗ୍ରହଣ ବିଷୟରେ ମତ ଦେଇ ଇମ୍ଫାର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା କହିଛନ୍ତି, ଏହା ଏକ ପରିବର୍ତ୍ତନକାରୀ ଚୁକ୍ତି ଯାହା କମ୍ପାନୀର ଅଭିବୃଦ୍ଧି ଯାତ୍ରାରେ ଏକ ପ୍ରମୁଖ ମାଇଲଖୁଣ୍ଟ। ଆମେ ଏକ ସୁଗମ ଏବଂ ସୁଗମ ସମନ୍ୱୟ ଦିଗରେ କାର୍ଯ୍ୟ କରି ସମସ୍ତ ଅଂଶୀଦାରଙ୍କ ପାଇଁ ମୂଲ୍ୟ ସୃଷ୍ଟି କରିବାକୁ ପ୍ରତିବଦ୍ଧ ଯାହା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ଷମ ସମନ୍ୱୟ ପ୍ରଦାନ କରେ। ଆମର ସବୁଜ କ୍ଷେତ୍ର ସମ୍ପ୍ରସାରଣ ସହିତ, ଏହା ଆମକୁ ଭାରତର ସର୍ବବୃହତ ଫେରୋ କ୍ରୋମ୍ ଉତ୍ପାଦକ ଭାବରେ ଏବଂ ବିଶ୍ୱ ସ୍ତରରେ ଅଗ୍ରଣୀ ସ୍ଥାନିତ କରେ। ଆମେ ଫେରୋ କ୍ରୋମର ଭବିଷ୍ୟତକୁ ଦାୟିତ୍ୱପୂର୍ଣ୍ଣ, ସ୍ଥାୟୀ ଏବଂ ମହତ୍ୱାକାଂକ୍ଷୀ ଭାବରେ ଆକାର ଦେବା ଜାରି ରଖିବୁ ବୋଲି ସେ କହିଛନ୍ତି।

## ଇଣ୍ଡିଆ ସ୍କିଲ୍ସ ଆଞ୍ଚଳିକ ପ୍ରତିଯୋଗିତାର ଶୁଭାରମ୍ଭ

ଭୁବନେଶ୍ୱର, ୨୭।୨(ସମିସ): ପୂର୍ବ ଭାରତର ସର୍ବବୃହତ ଦକ୍ଷତା,ପ୍ରତିଭା ଏବଂ ବୈଷୟିକ ଉତ୍କର୍ଷତାର ପ୍ରଦର୍ଶନୀ ଆଜିଠାରୁ ଆରମ୍ଭ ହୋଇଛି। ଜଟଣୀସ୍ଥିତ ତରାବୋଇ ସ୍କିଲ୍ ଡେଭଲପମେଣ୍ଟ ଇନଷ୍ଟିଚ୍ୟୁଟ୍ ପରିସରରେ ପୂର୍ବ କ୍ଷେତ୍ର ପାଇଁ ଇଣ୍ଡିଆସ୍କିଲ୍ସ ଆଞ୍ଚଳିକ ପ୍ରତିଯୋଗିତା ୨୦୨୫-୨୬ର





ଶୁଭାରମ୍ଭ ହୋଇଛି। ଏଥିରେ ଓଡ଼ିଶା ସରକାରଙ୍କ ଏମଏସଏମଇ ମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି ଯେ, ବ୍ୟବହାରିକ ଦକ୍ଷତା, ନବସୃଜନ ଏବଂ ନିଜର କୌଶଳକୁ ପ୍ରୟୋଗ କରିବାର ଆତ୍ମବିଶ୍ୱାସ ହିଁ ଅର୍ଥପୂର୍ଣ୍ଣ ପ୍ରଗତିର ଚାଳକ। ଏହି ଆଞ୍ଚଳିକ ପ୍ରତିଯୋଗିତାରେ ପୂର୍ବ ଭାରତର ୫ଟି ରାଜ୍ୟ ଓଡ଼ିଶା, ବିହାର, ପଶ୍ଚିମବଙ୍ଗ, ଛତିଶଗଡ଼ ଓ ଝାଡ଼ଖଣ୍ଡ ସମେତ କେନ୍ଦ୍ରଶାସିତ ଅଞ୍ଚଳ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ପ୍ରତିଯୋଗୀମାନେ ଅଂଶଗ୍ରହଣ କରି ମୋଟ ୫୯ଟି ବର୍ଗରେ ନିଜର ଦକ୍ଷତା ପ୍ରଦର୍ଶନ କରୁଛନ୍ତି। ଏହି ଉଦ୍‌ଘାଟନୀ ସମାରୋହରେ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକଶିକ୍ଷା ବିଭାଗର କମିଶନର-ତଥା-ସଚିବ ଭୂପେନ୍ଦ୍ର ସିଂ ପୁନିଆ,ଏମଏସଏମଇ କମିଶନର ତଥା ସଚିବ ରଶ୍ମିତା ପଣ୍ଡା, ବିଏମ୍‌ସି କମିଶନର ଚଞ୍ଚଳ ରାଣା,ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଚକ୍ରବର୍ତ୍ତୀ ସିଂ ରାଠୋର, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମାଲକର, ବିପିୟୁଟିର କୁଳପତି ଡଃ ଅମିୟ କୁମାର ରଥ,ଜଟଣୀ ତରାବୋଇ ସ୍ଥିତ ଦକ୍ଷତା ବିକାଶ ପ୍ରତିଷ୍ଠାନର ମୁଖ୍ୟ ନିର୍ବାହୀ ଅଧିକାରୀ ରଞ୍ଜନ ଭୌମିକ, ଏମଏସଡିଇର ଡିଡିଜି ସୁନୀଲ କୁମାର ଗୁପ୍ତା ଏବଂ ଏମଏସଡିଇର ଯୁଗ୍ମ ନିର୍ଦ୍ଦେଶକ ନବୀନ କୁମାରଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀମାନେ ଯୋଗଦେଇଥିଲେ।

## କାଲିଠୁ ବ୍ୟାଙ୍କରୁ ଏଲ୍‌ପିଜି ଯାଏ ସବୁ ବଦଳିବ

ନୂଆଦିଲ୍ଲୀ,୨୭।୨(ଏଜେନ୍ସି)

ପ୍ରତି ମାସ ପରି ମାର୍ଚ୍ଚ ପହିଲାରୁ ଦେଶରେ କିଛି ନୂତନ ନିୟମ ଲାଗୁ ହେବାକୁ ଯାଉଛି। ଏଥର, ପରିବର୍ତ୍ତନଗୁଡ଼ିକ ଅର୍ଥ ଖର୍ଚ୍ଚ ଏବଂ ମୂଲ୍ୟ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ, ବରଂ ମୋବାଇଲ୍ ବ୍ୟବହାରଠାରୁ ବ୍ୟାଙ୍କିଙ୍ଗ ସିଷ୍ଟମ ଏବଂ ଟ୍ରେନ ଯାତ୍ରା ଭଳି ଦୈନନ୍ଦିନ କାର୍ଯ୍ୟକୁ ମଧ୍ୟ ସିଧାସଳଖ ପ୍ରଭାବିତ କରିବ।

### ସିମ୍-ବାଇଣ୍ଡିଂ ନିୟମ

ଏଥିରେ ସର୍ବାଧିକ ଚର୍ଚ୍ଚିତ ବିଷୟ ହେଉଛି ମେସେଜିଂ ଆପ୍। ନୂତନ ସିମ୍-ବାଇଣ୍ଡିଂ ନିୟମ ଅନୁଯାୟୀ, ହ୍ୱାଟ୍ସଆପ୍, ଟେଲିଗ୍ରାମ ଏବଂ ସିଗ୍‌ନାଲ ଭଳି ଆପ୍ ସକ୍ରିୟ କରିବାକୁ ପଡିବ। ସିମ୍ କାର୍ଡ ସହିତ ସଂଯୋଗ ବଜାୟ ରଖିବାର ଆବଶ୍ୟକତାକୁ କଡ଼ାକଡ଼ି କରାଯାଇପାରେ।





ଏପରି ପରିସ୍ଥିତିରେ ଯଦି ବ୍ୟବହାରକାରୀଙ୍କ ସିମ୍ ବନ୍ଦ ହୁଏ, ନିଷ୍କ୍ରିୟ ହୋଇଯାଏ କିମ୍ବା ଫୋନ୍‌ରୁ ହଟାଇ ଦିଆଯାଏ ବ୍ୟବହାର ସୀମିତ କିମ୍ବା ପ୍ରଭାବିତ ହୋଇପାରେ। ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସିମ୍ ସ୍ୱାପିଂ, ନକଲି ଆକାଉଣ୍ଟ ଏବଂ ଡିଜିଟାଲ୍ ଠକେଇକୁ ରୋକିବା।

### ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ପରିବର୍ତ୍ତନ !

ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟ ମଧ୍ୟ ପରିବର୍ତ୍ତନ ହେବ। ପ୍ରତି ମାସ ପରି, ତେଲ କମ୍ପାନୀଗୁଡ଼ିକ ମାର୍ଚ୍ଚ ପହିଲା ସକାଳେ ନୂତନ ଦର ଘୋଷଣା କରିପାରନ୍ତି। ଆନ୍ତର୍ଜାତୀୟ ଅଶୋଧିତ ତୈଳ ମୂଲ୍ୟ, ଡଲାର ମୂଲ୍ୟ ହ୍ରାସ ଏବଂ ଘରୋଇ ଖର୍ଚ୍ଚ ଉପରେ ଆଧାର କରି, ଇନ୍ଧନ ଗ୍ୟାସ ଏବଂ ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ ନିର୍ଣ୍ଣୟ କରାଯିବ। ବାଣିଜ୍ୟିକ ସିଲିଣ୍ଡର ମୂଲ୍ୟ ସିଧାସଳଖ ହୋଟେଲ, ରେଷ୍ଟୁରାଣ୍ଟ, ବାର ଏବଂ ଛୋଟ ବ୍ୟବସାୟକୁ ପ୍ରଭାବିତ କରିପାରେ।

### ବ୍ୟାଙ୍କ ଆକାଉଣ୍ଟରେ ସର୍ବନିମ୍ନ ବାଲାନ୍ସ

ନୂଆ ମାସରୁ ବ୍ୟାଙ୍କିଙ୍ଗ ସହ ଜଡିତ ବଡ଼ ପରିବର୍ତ୍ତନ ମଧ୍ୟ ହୋଇପାରେ। କିଛି ସରକାରୀ ବ୍ୟାଙ୍କ ସର୍ବନିମ୍ନ ବାଲାନ୍ସ ଗଣନା କରିବାର ପଦ୍ଧତି ପରିବର୍ତ୍ତନ କରିପାରନ୍ତି। ପୂର୍ବରୁ, ଗୋଟିଏ ଦିନରେ କମ୍ ବାଲାନ୍ସ ପାଇଁ ଜରିମାନା ଲାଗୁ କରାଯାଉଥିଲା, କିନ୍ତୁ ଏବେ ଏହା କମ୍। ମାସିକ ବାଲାନ୍ସ (ଏଏମ୍‌ବି) ଆଧାରରେ ଫି' ନିର୍ଦ୍ଧାରଣ କରାଯାଇପାରିବ।

## ମୋଟୋରୋଲା ପକ୍ଷରୁ ମାଗଣା ଡୋରଷ୍ଟେପ୍ ସେବା

ନୂଆଦିଲ୍ଲୀ, ୨୭।୨: ମୋବାଇଲ ଜ୍ଞାନକୌଶଳ କ୍ଷେତ୍ରରେ ବିଶ୍ୱର ଅଗ୍ରଣୀ ତଥା ଭାରତର ପ୍ରମୁଖ ଏଆଇ ସ୍ମାର୍ଟଫୋନ ବ୍ରାଣ୍ଡ ମୋଟୋରୋଲା, ଆଜି ନିଜର ପରବର୍ତ୍ତି ପିଢ଼ିର ପରବର୍ତ୍ତି-ବିକ୍ରୟ ସମର୍ଥନକାରୀ ଇକୋସିଷ୍ଟମ ଆରମ୍ଭ କରିବାକୁ ଘୋଷଣା କରିଛି। ଗ୍ରାହକମାନଙ୍କୁ ସହଜ, ନିର୍ଭରଯୋଗ୍ୟ ଏବଂ ସକ୍ରିୟ ସେବା ଯୋଗାଇ ଦେବା ପାଇଁ କମ୍ପାନୀ ଫେବୃୟାରୀ ୨୮ରୁ ପ୍ରତି ମାସର ଏକ ନିର୍ଦ୍ଦିଷ୍ଟ ଦିନରେ ନିଜର ସମସ୍ତ ସେବା କେନ୍ଦ୍ରରେ ଦେଶବ୍ୟାପୀ ମାସିକ ସେବା କ୍ୟାମ୍ପ ଆୟୋଜନ କରିବ। ଦେଶବ୍ୟାପୀ ମାସିକ ସେବା କ୍ୟାମ୍ପର ଅଂଶବିଶେଷ ଭାବରେ, ଗ୍ରାହକମାନେ ଅନେକଗୁଡ଼ିଏ ବିଶେଷ ସେବାର ସୁବିଧା ଏହି କ୍ୟାମ୍ପ ମାଧ୍ୟମରେ ପାଇପାରିବେ ଯାହା ମଧ୍ୟରେ ଅନ୍ତର୍ଭୁକ୍ତ ରହିଛି ଶୂନ୍ୟ ଲେବର ଚାର୍ଜ ଏବଂ ମାଗଣା ଯାଞ୍ଚ, ମାଗଣା ସଫ୍ଟୱେୟାର ଅପଡେଟ୍ ଏବଂ ଉପକରଣର ସାନିଟାଇଜେସନ, ଡ଼ିଭାଇସର ସ୍ୱାସ୍ଥ୍ୟ ପରୀକ୍ଷା ଇତ୍ୟାଦି।

## ଏଆଇ ଶକ୍ତିକୁ ସୁଦୃଢ଼ କରିବ ୨୦,୦୦୦ ନୂତନ ଜିପିୟୁ

ନୂଆଦିଲ୍ଲୀ,୨୭।୨(ଏଜେନ୍ସି):ଭାରତ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) କ୍ଷେତ୍ରରେ ଦିନକୁ ଦିନ ଶକ୍ତିଶାଳୀ ଓ ଆତ୍ମବିଶ୍ୱାସୀ ହେବାରେ ଲାଗିଛି। ଆସନ୍ତା କିଛି ସପ୍ତାହରେ ଏହା ଅତିରିକ୍ତ ୨୦ ହଜାର ଗ୍ରାଫିକ୍ସ ପ୍ରୋସେସିଂ ୟୁନିଟି ବା ଜିପିୟୁ ଯୋଡ଼ିବାକୁ ଯାଉଛି। ଏବେ ୩୮ ହଜାର ଜିପିୟୁ ଭାରତରେ କାର୍ଯ୍ୟକ୍ଷମ ରହିଛି। ଏହି କ୍ଷମତା ସମ୍ପ୍ରସାରଣ ଭାରତରେ କମ୍ପ୍ୟୁଟ କ୍ଷମତାକୁ ବିକଶିତ କରିବ। ଖାଲି ସେତିକି ନୁହେଁ, ଏହି ପଦକ୍ଷେପ ବିଶ୍ୱର ଅଗ୍ରଣୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଭାରତର କ୍ଷମତାକୁ ଆହୁରି ବିକଶିତ କରିବ ବୋଲି କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ନୂଆଦିଲ୍ଲୀଠାରେ ନିକଟରେ ଅନୁଷ୍ଠିତ ହେଉଥିବା 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬' ଅବସରରେ ସେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ ଏଭଳି ଘୋଷଣା କେବଳ ବୈଷୟିକ ତା' ନୁହେଁ ଏହା ଏକ ରଣନୈତିକ ପଦକ୍ଷେପ। ଏହା ସଙ୍କେତ ଦେଇଛି ଯେ ଭାରତ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସହିତ ନିଜର ପରିସର ବଢ଼ାଉଛି ଏବଂ ବିଶ୍ୱର ଅଗ୍ରଣୀ ଏଆଇ ଶକ୍ତିମାନଙ୍କ ମଧ୍ୟରେ ନିଜକୁ ଦୃଢ଼ ଭାବରେ ସ୍ଥାପନ କରୁଛି। ଅନେକ ଦେଶରେ, ଉନ୍ନତ ଏଆଇ ଭିତ୍ତିଭୂମି କିଛି ମାତ୍ର କର୍ପୋରେଟ୍ ସଂସ୍ଥାଙ୍କ ହାତରେ ସୀମିତ ରହିଥାଏ, ହେଲେ ଭାରତ ଏକ ଭିନ୍ନ ମଡେଲ୍ ତିଆରି କରୁଛି, ଯାହା ୧୦,୩୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର 'ଇଣ୍ଡିଆ ଏଆଇ ମିଶନ୍' ଉପରେ ଆଧାରିତ, ଯାହା ସାଧାରଣ ହିତ ପାଇଁ ଏଆଇର ସୁବିଧାକୁ ସହଜଲଭ୍ୟ କରୁଛି। ଏହି ମିଶନ୍ ଅଧୀନରେ, ବର୍ତ୍ତମାନର ୩୮,୦୦୦ ରୁ ଅଧିକ ହାଇ-ଏଣ୍ଡ ଜିପିୟୁ ଗୁଡ଼ିକୁ ଘଣ୍ଟା ପ୍ରତି ମାତ୍ର ୬୫ ଟଙ୍କାରେ ଉପଲବ୍ଧ କରାଯାଇଛି, ଯାହା ଷ୍ଟାର୍ଟଅପ୍, ଗବେଷକ, ଛାତ୍ର ଏବଂ ସରକାରୀ ପ୍ରତିଷ୍ଠାନଗୁଡ଼ିକ ପାଇଁ କମ୍ପ୍ୟୁଟ୍ ବାଧାକୁ ହ୍ରାସ କରୁଛି। ଏହାର ମୂଳରେ ଏକ ଶକ୍ତିଶାଳୀ ବିଶ୍ୱାସ ରହିଛି, ତାହା ହେଲା ପ୍ରଯୁକ୍ତିବିଦ୍ୟାର ଗଣତାନ୍ତ୍ରିକରଣ। ଶ୍ରୀ ବୈଷ୍ଣବଙ୍କ ଅନୁସାରେ, ଏଆଇ ୫ମ ଶିଳ୍ପ ବିପ୍ଳବକୁ ପରିଚାଳିତ କରୁଛି। ଏହାର ପ୍ରଭାବ କୃଷି, ସ୍ୱାସ୍ଥ୍ୟସେବା, ଶିକ୍ଷା, ଉତ୍ପାଦନ, ଶାସନ ଏବଂ ଜଳବାୟୁ କାର୍ଯ୍ୟାନୁଷ୍ଠାନ କ୍ଷେତ୍ରରେ ପଡୁଛି। ଭାରତ ଏହି ବିପ୍ଳବକୁ କେବଳ ଦେଖୁନାହିଁ, ବରଂ ଏହାକୁ ସକ୍ରିୟ ଭାବରେ ରୂପ ଦେଉଛି।

